୩୧-୫-୨୦୧୬, ମଙ୍ଗଳବାର, ସମୟ

## ହେଲ୍‌ମେଟ୍, ସିଟ୍ ବେଲ୍ଟ ନଥିଲେ ପେଟ୍ରୋଲ୍-ଡିଜେଲ୍ ମନା

# କଡ଼ାକଡ଼ି ଲାଗୁ ହେବ ନିୟମ

ଭୁବନେଶ୍ୱର, (ସବ୍ୟୁ) : ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଜିଲ୍ଲାପାଳ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଣିକି ହେଲମେଟ୍ କିମ୍ବା ସିଟ୍ ବେଲ୍ଟ ପିନ୍ଧି ନଥିଲେ ଟାଙ୍କିରେ ପେଟ୍ରୋଲ, ଡିଜେଲ୍ ଦିଆଯିବନାହିଁ । ଏ ସମ୍ପର୍କରେ ଗତ ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବାବେଳେ ସମସ୍ତ ଟାଙ୍କିରେ ଗାଡ଼ିଚାଳକଙ୍କ ଅବଗତି ପାଇଁ ବ୍ୟାନର ଲଗାଯିବ । ସଚେତନତା ବି କରାଯିବ । ତା'ପରେ ଯଦି କେହି ଏହାକୁ ଉଲ୍ଲଘଂନ କରନ୍ତି, ତାଙ୍କ ଠାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯିବା ସହ ସାମୟିକଭାବେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ ବୋଲି ସୂଚନା ଦିଆଯାଇଛି । ଏହି ବୈଠକରେ ଏସ୍. ପି. ଦିଲ୍ଲୀପ ଦାସ, ଜିଲ୍ଲା ସଡ଼କ ପରିବହନ ଅଧିକାରୀ, ଲୋକସମ୍ପର୍କ ଅଧିକାରୀ, ସରକାରୀ ତଥା ବେସରକାରୀ ପ୍ରତିନିଧି ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ ।

# ଆଇଆଇଟି ଭୁବନେଶ୍ୱର ଏବଂ ଜିଆଓଟା ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତିନାମା

ଭୁବନେଶ୍ୱର (ସ.ବ୍ୟୁ) : ଧାତୁ ଏବଂ ରସାୟନ ପଦାର୍ଥ ଗବେଷଣାର ମାନ ବୃଦ୍ଧି କରିବା ଏବଂ ଛାତ୍ରଛାତ୍ରୀଙ୍କୁ ଏହି କ୍ଷେତ୍ରରେ ଅନ୍ତର୍ଜାତୀୟସ୍ତର ଭିତ୍ତିଭୂମି ପ୍ରଦାନ କରିବା ସକାଶେ ଆଇଆଇଟି ଭୁବନେଶ୍ୱର ଏବଂ ସାଂଘାଇ (ଚାଇନା)ର ଜିଆଓଟାଂ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ଆଇଆଇଟି ନିର୍ଦ୍ଦେଶକ ପ୍ର ଭି.ରାଜାକୁମାର, ଅନ୍ୟ ଆଇଆଇଟି ଏବଂ ଏନ୍‌ଆଇଟିର ନିର୍ଦ୍ଦେଶକ, ଚାଇନାର ଶିକ୍ଷା ମନ୍ତ୍ରୀ, ଭାରତର ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରମୁଖ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ଶ୍ରୀ ମୁଖାର୍ଜୀ ଚାଇନା ଗସ୍ତରେ ଥିବାବେଳେ ଉକ୍ତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଭାରତ ଏବଂ ଚାଇନାରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମା ମଧ୍ୟରେ ଏହା ଦଶମ ।

ଏହି ଚୁକ୍ତିନାମା ଅନୁସାରେ ଉଭୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀମାନଙ୍କ ଆବଶ୍ୟକତା ଅନୁସାରେ ଦୁଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅଦଳ ବଦଳ ହେବେ । ଏଥିସହିତ ଏହି ଦୁଇ ବିଶ୍ୱବିଦ୍ୟାଳୟରେ ମିଳିତ ଭାଗିଦାରିତାରେ ପାଠପଢ଼ା, କର୍ମଶାଳା ଏବଂ ସମ୍ମିଳନୀ ଆୟୋଜିତ କରାଯିବ ବୋଲି ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ଶ୍ରୀ ରାଜାକୁମାର ପ୍ରକାଶ କରିଥିଲେ ।